## ରନ୍ଧନ ଗ୍ୟାସ୍ ପାଇଁ ସବୁଠି ହାହାକାର

# ଗ୍ୟାସ୍ ନ ମିଳିବାରୁ ଜାତୀୟ ରାଜପଥ ଅବରୋଧ

ବ୍ରହ୍ମଗିରି,୨୩।୩(ସମିସ)



ରନ୍ଧନ ଗ୍ୟାସ୍ ଯୋଗାଣ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ବ୍ରହ୍ମଗିରିରେ ଅଧିକାଂଶ ଭାଗରେ ଏଲ୍‌ପିଜି ସିଲିଣ୍ଡର ଅଭାବ ଦେଖା ଦେଇଥିବାବେଳେ ସବୁଠି ହାହାକାର ପଡ଼ିଛି। ସୋମବାର ଏଲ୍‌ପିଜି ରନ୍ଧନ ଗ୍ୟାସ୍ ନେବା ପାଇଁ ବ୍ରହ୍ମଗିରି ନିକଟ କାଳିକାପାଡ଼ି ମା' ମଙ୍ଗଳା ଗ୍ୟାସ୍ ଯୋଗାଣ ଅଫିସ ଆଗରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସରକାରୀ ନିୟମରେ ପରିବର୍ତ୍ତନ ପୂର୍ବକ ବୁକିଂ ଅବଧି ୨୧ରୁ ୨୫ ଦିନକୁ ବୃଦ୍ଧି କରିବା ପରେ ଲୋକମାନଙ୍କ ମଧ୍ୟରେ ଏଲ୍‌ପିଜି ସଲିଣ୍ଡରକୁ ନେଇ ଭାଳେଣି ପଡ଼ିଯାଇଛି। କିନ୍ତୁ ଯେଉଁମାନଙ୍କର ମେସେଜ୍ ଆସିଥିଲା ସେମାନେ ଗ୍ୟାସ୍ ପାଇଁ ଯାଇଥିଲେ। କିନ୍ତୁ ବିଭିନ୍ନ ଆଳ ଦେଖାଇ ଗ୍ୟାସ୍ ନ ଦେବାରୁ ପ୍ରାୟ ଶତାଧିକ ହିତାଧିକାରୀ ରାଜରାସ୍ତାରେ ଖାଲି ଗ୍ୟାସ୍ ଟାଙ୍କି ରଖି ଅବରୋଧ କରିଥିଲେ। ଆନ୍ଦୋଳନକାରୀ ପୁରୀ-ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥ ୧ ଘଣ୍ଟା ଧରି ଅଚଳ କରିଛନ୍ତି। ଖବର ପାଇ ବ୍ରହ୍ମଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାଙ୍କୁ ବୁଝାସୁଝା କରିଥିଲେ। ହେଲେ ରାସ୍ତା ଅବରୋଧକାରୀମାନେ କୌଣସି ପ୍ରକାର ବୁଝିବା ପାଇଁ ପ୍ରସ୍ତୁତି ନ ଥିଲେ। ଏକ ଘଣ୍ଟା ସମୟ ପରେ ପୁଲିସ ରାସ୍ତା ଅବରୋଧ କରିଥିବା ଲୋକଙ୍କୁ ଜବରଦସ୍ତ ହଟାଇ ରାସ୍ତାକୁ ସ୍ୱାଭାବିକ କରିଥିଲେ।

ଗ୍ୟାସ୍ ପାଇଁ ଆସିଥିବା ଏକାଧିକ ଲୋକମାନେ କୁହନ୍ତି, ଗ୍ୟାସ୍ ବୁକ କଲା ପରେ ମେସେଜ୍ ଆସୁଛି। ହେଲେ ସେହି ମେସେଜ୍ ବିତରକ ଅଫିସରେ ଦେଖାଇଲେ ସେମାନେ କହୁଛନ୍ତି, ତୁମେ ଗ୍ୟାସ୍ ନେଇଯାଇଛ। ତୁମ ଗ୍ୟାସ୍ ଆଉ କମ୍ପ୍ୟୁଟରରେ ଦୃଶ୍ୟମାନ ହେଉନାହିଁ। ସକାଳୁ ଆସିଲେ ଧାଡ଼ିରେ ଠିଆ ହୋଇ ରହିବାକୁ ପଡୁଛି। ହେଲେ ଏହି ମୁଣ୍ଡ ଫଟା ଖରାରେ ଆମ ନମ୍ବର ଆସିଲା ବେଳକୁ ତୁମର ଗ୍ୟାସ୍ ନାହିଁ କହୁଛନ୍ତି। ସେପଟେ ମା' ମଙ୍ଗଳା ଗ୍ୟାସ୍ ବିତରକ ମାଲିକଙ୍କୁ ପଚାରିଲେ, ସେ କୁହନ୍ତି ଯେ ଅନ୍‌ଲାଇନ୍‌ରେ କାମ ହେଉଛି। ଦିନକୁ ପ୍ରାୟ ୧୦ରୁ ୧୫ଟି ଦେବା ପରେ ଅନ୍‌ଲାଇନ୍ ଆଉ ଚାଲୁନାହିଁ। ସେଥିପାଇଁ ଆମେ ବାରମ୍ବାର ଉପର ଅଫିସରଙ୍କୁ କହୁଛୁ ସେ କିଛି ବୁଝୁନାହାନ୍ତି। ତେଣୁ ଲୋକମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ସୋମବାର ଯୋଗାଣ ମନ୍ତ୍ରୀ କହିଛନ୍ତି, ଗ୍ୟାସ୍‌ର ଅଭାବ ନାହିଁ। ହେଲେ ଗ୍ୟାସ୍ ପାଇଁ ରାଜରାସ୍ତା ଅବରୋଧ ହେଉଛି। ସରକାରଙ୍କ କଥା ପାଣିର ଗାର ହୋଇ ରହିଗଲା। ଏପରିକି ଗ୍ରାହକମାନଙ୍କୁ ପୂର୍ବ ପରି ସମ୍ପୂର୍ଣ୍ଣ ଗ୍ୟାସ୍ ଯୋଗାଇବାରେ ଫେଲ୍ ମାରିଛନ୍ତି ରାଜ୍ୟ ସରକାର। ସେପଟେ କିଛି ଅସାଧୁ ବେପାରୀ ବିଭିନ୍ନ ଉପଭୋକ୍ତା ନାମରେ ବୁକିଂ କରି ନେଉଛନ୍ତି। ସେହି ଗ୍ୟାସ୍ ସେମାନେ ବଜାରରେ ଚୋରା ବ୍ୟବସାୟ କରି ମୋଟା ଆକାରରେ ଆର୍ଥ ଉପାର୍ଜନ କରିବାରେ ଲାଗିପଡ଼ିଛି। ଜିଲ୍ଲା ଯୋଗାଣ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ୟାସ୍‌ର କଳାବଜାର ହେଉଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

● ଗ୍ୟାସ୍, ପେଟ୍ରୋଲ, ଡିଜେଲର ଅଭାବ ଦୂର ଦାବିରେ ସିପିଆଇର ବିକ୍ଷୋଭ

## ଟ୍ରମ୍ପ୍ ଓ ନେତାନ୍ୟାହୁଙ୍କ କୁଶପୁତ୍ତଳିକା ଦାହ




**ଚାରିଛକ,୨୩।୩(ସମିସ):** ଚାରିଛକ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସୋମବାର ଅପରାହ୍ଣରେ ପୁରୀ ଜିଲ୍ଲା ସିପିଆଇ ପକ୍ଷରୁ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ ଉପରେ ହେଉଥିବା ଯୁଦ୍ଧ ବନ୍ଦ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆମେରିକା ଓ ଇସ୍ରାଏଲର ମିଳିତ ଯୁଦ୍ଧରେ ଇରାନର ୪୦୦ ନିର୍ଦ୍ଦୋଷ ଛାତ୍ରଙ୍କୁ ମାରିବା ଏବଂ ବିଶ୍ୱରେ ଅଶାନ୍ତି ସୃଷ୍ଟି କରିବା, ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍‌ର ଅଭାବ ପାଇଁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ୍ ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଏକଛତ୍ରବାଦୀ ଶାସନ ବିରୋଧରେ ସିପିଆଇ ପୁରୀ ଜିଲ୍ଲା ପକ୍ଷରୁ ଏହାର ପ୍ରତିବାଦ କରିବା ସହ ଦୁହିଁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ପ୍ରତିବନ୍ଧକ ହଟାଇବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଫେରାଇ ଆଣିବାକୁ ଦାବି କରିବା ସହ ବୋମା ବଦଳରେ ଖାଦ୍ୟ ଏବଂ ଯୁଦ୍ଧ ବଦଳରେ ଶାନ୍ତି ପ୍ରତିଷ୍ଠା ଦାବି କରିଥିଲେ। ଏଥିରେ ସିପିଆଇ ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ର ନାଥ ସାହୁ, ସନାତନ ପାତ୍ର, ସନ୍ତୋଷ ବେହେରା, ଶଙ୍କର ପରିଡ଼ା, ଲକ୍ଷ୍ମୀଧର ସ୍ୱାଇଁ, ଗୋବର୍ଦ୍ଧନ ସାହୁ, ଧୂଳେଶ୍ୱର ଭୋଇ, ଶିବନାଥ ଭୋଇ, ଟୁନ ମହାପାତ୍ର, ସଚ୍ଚିଦାନନ୍ଦ ପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ପ୍ରଫୁଲ୍ଲ କିଶୋର ସୁବୁଦ୍ଧିଙ୍କ ପରଲୋକ



**ଭୁବନେଶ୍ୱର, ୨୩।୩ (ସମିସ):** ଅବସରପ୍ରାପ୍ତ ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରଫୁଲ୍ଲ କିଶୋର ସୁବୁଦ୍ଧି (୯୧)ଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିବା ପ୍ରଫୁଲ୍ଲଙ୍କୁ ୫ଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ସାମ୍ବାଦିକ, ବୁଦ୍ଧିଜୀବୀ, ସମାଜସେବୀ, ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପିପିଲି ଡିହସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୌରାଧ୍ୟକ୍ଷ ସେକ୍ ବାବୁ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତ୍ର ପ୍ରକାଶ କୁମାର ସୁବୁଦ୍ଧି, ପ୍ରଣବ କିଶୋର ସୁବୁଦ୍ଧି, ପ୍ରବୋଧ କୁମାର ସୁବୁଦ୍ଧି ଓ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ମୁଖାଗ୍ନି ଦେଇଥିଲେ। ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ବାଜପୁରସ୍ଥିତ ରାଧାମାଧବପାଟଣା ଗ୍ରାମରେ ୧୯୩୫ ମସିହାରେ ଜନ୍ମିତ ପ୍ରଫୁଲ୍ଲ ପିଲାଟି ଦିନରୁ ଅତ୍ୟନ୍ତ ମେଧାବୀ ଥିଲେ। ଭୁବନେଶ୍ୱରସ୍ଥିତ ଭେଟେରିନାରୀ କଲେଜ ଟପର୍ ଭାବେ ଉତ୍ତୀର୍ଣ୍ଣ ହେବା ପରେ ୧୯୬୪ ମସିହାରେ ଛତିଆରେ ଭିଏଏସ୍ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ପରେ ଯୋଡ଼ା, ଗୋପାଳପୁର, କିଶୋରନଗର, ମନମୁଣ୍ଡା, ଭୁବନେଶ୍ୱର, ଟାଙ୍ଗି, ପିପିଲି, ଆଠମଲିକ ଆଦି ସ୍ଥାନରେ ଭିଏଏସ୍ ଭାବେ କାର୍ଯ୍ୟ କରିବା ପରେ ୧୯୯୫ ମସିହାରେ ପଦ୍ମପୁରଠାରେ ଏସ୍‌ଡିଭିଓ ଓ ୧୯୯୭ମସିହାରେ ବରଗଡ଼ ସିଡିଭିଓ ଭାବେ ଚାକିରିରୁ ଅବସର ନେଇଥିଲେ।

## ୨୭ରୁ ରୁପଦେଇପୁର ମହୋତ୍ସବ

**ବଲଙ୍ଗା,୨୩।୩(ସମିସ):** ଆସନ୍ତା ୨୭ ଓ ୨୮ ଦୁଇ ଦିନ ବ୍ୟାପୀ ସ୍ଥାନୀୟ ଯୁବକ ସଂଘ ପଡ଼ିଆରେ ଚଳିତ ବର୍ଷ ଦ୍ୱିତୀୟ ରୁପଦେଇପୁର ମହୋତ୍ସବ ପାଇଁ ଆୟୋଜକ "ଗୋପବନ୍ଧୁ ଯୁବ ବିକାଶ ପରିଷଦ' ପକ୍ଷରୁ ଗ୍ରାମବାସୀ ବୃନ୍ଦଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପରିଷଦର ଉପଦେଷ୍ଟା ଭଗବାନ ପୃଷ୍ଟି ଅଧ୍ୟକ୍ଷତା କରିଥିବାବେଳେ ସଭାପତି ସୁଶାନ୍ତ ସାହୁ, ସମ୍ପାଦକ ଦେବ ରଞ୍ଜନ ମହାରଣା, ବୁଦ୍ଧିଜୀବୀ ସଚ୍ଚିଦାନନ୍ଦ ମିଶ୍ର, ସମାଜସେବୀ ବିପିନ ମହାରଣା, ଜଗନ୍ନାଥଙ୍କ ସେବକ ପ୍ରମୋଦ ଦୀକ୍ଷିତ ଓ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଯୁବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପାରମ୍ପରିକ ଲୋକ କଳା ଓ ଲୋକ ନୃତ୍ୟ, ପାରମ୍ପରିକ ଜନଜାତି ଭାଷା ସଂସ୍କୃତି ପରମ୍ପରାକୁ ବଜାୟ ରଖି ଏହି ମହୋତ୍ସବକୁ ପାଳନ କରିବା ପାଇଁ ବିଧାୟକ ଗୁରୁତ୍ୱାରୋପ କରିଛନ୍ତି। ଏହି ମହୋତ୍ସବକୁ ଆଡ଼ମ୍ବର ଓ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଉପଦେଷ୍ଟାଗଣ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ବ ବର୍ଷ ଭଳି ଏ ବର୍ଷ ଏହି ମହୋତ୍ସବରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଲୋକ ନୃତ୍ୟ ପରିବେଷଣ କରାଯିବ ଏବଂ ଗ୍ରାମର ଐତିହ୍ୟ ନାଗା, କାଳୀ ମେଢ଼, ରାବଣ ମେଢ଼ ନୃତ୍ୟ ପରିବେଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ସବରେ ସମ୍ମାନିତ କାରାଯିବ।

## ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା ନୀତିନିର୍ଘଣ୍ଟ

**କାକଟପୁର/କୁଣ୍ଢେଇ,୨୩।୩(ସମିସ):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ନିକଟରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ବାସନ୍ତିକ ଦୁର୍ଗାପୂଜା ବା ନବପତ୍ରିକା ପୂଜା। ଏହି ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨୬ ତାରିଖ ଗୁରୁବାର ଶେଷ ହେବ। ମଙ୍ଗଳବାର ମା' ମଙ୍ଗଳାଙ୍କର ଝମୁଯାତ୍ରାର ୩ୟ ପାଳି ଯାତ୍ରା ପଡୁଥିବାରୁ ମଙ୍ଗଳବାରର ନୀତିନିର୍ଘଣ୍ଟ ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ପଞ୍ଜିକାର ଶ୍ରୀଧର ନାୟକ ସ୍ଥିର କରିଛନ୍ତି। ସୋମବାର ରାତି ୧ଟାରୁ ଦ୍ୱାରଫିଟି ମଙ୍ଗଳଆଳତି ପରେ ସ୍ନାନ ପୂଜା ଓ ବେଶ କରାଯାଇ ଭୋର୍ ୫ଟାରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯିବ। ମଙ୍ଗଳବାର ଦିନ ୧ଟାରୁ ଦର୍ଶନ ବନ୍ଦ କରାଯାଇ ପହୁଡ଼ ପକାଯିବା ପରେ ମା'ଙ୍କର ମହାସ୍ନାନ କରାଯିବ। ପୁନଃ ବେଶ ପରେ କଳସ ସ୍ଥାପନ, ଅଖଣ୍ଡ ଦୀପ ଲାଗି, ସୂର୍ଯ୍ୟପୂଜା, ସିଂହ ପୂଜା, କଳସ ପୂଜା ଓ ବଲ୍ଲଭ ଧୂପ ଅନୁଷ୍ଠିତ ହେବ। ରାତି ୯ଟା ପରେ ସକାଳ ଧୂପ ସରିବା ପରେ ପାଟୁଆ ନୃତ୍ୟ ଅନୁଷ୍ଠିତ ହେବ। ରାତି ୧୧ଟାରେ ଦ୍ୱିପହର ଧୂପ ଓ ଭଅଣ୍ଡ ସରିବା ପରେ ପହୁଡ଼ ପକାଯିବ ଏବଂ ରାତି ୧୨ଟାରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହେବ। ପରେ ପରେ ପୁନଃ ସ୍ନାନ, ମାର୍ଜଣା କରାଯାଇ ରାତି ୨ଟା ୩୦ରେ କାଳିକା ନୃତ୍ୟ ଅନୁଷ୍ଠିତ ହେବ। କାଳିକା ନୃତ୍ୟ ପରେ ରାତ୍ର ଧୂପ ଅନୁଷ୍ଠିତ କରାଯାଇ ବଡ଼ସିଂହାର ପରେ ରାତ୍ର ୫ଟାରେ ପହୁଡ଼ ପକାଯିବ। ଚଳିତ ବର୍ଷ ମା'ଙ୍କର ବାସନ୍ତିକ ପୂଜା ନୀତି ପଡୁଥିବାରୁ ସର୍ବସାଧାରଣଙ୍କ ଦର୍ଶନ ଦିବା ୧ଟା ପରେ ବ୍ୟାଘାତ ଘଟିବ।

## ସୁନା ଓ ଟଙ୍କା ଜବତ; ଅଭିଯୁକ୍ତ ଗିରଫ

**ସାକ୍ଷୀଗୋପାଳ,୨୩।୩(ସମିସ):** ସତ୍ୟବାଦୀ ଥାନା ଅନ୍ତର୍ଗତ ସାଣ୍ଡରା ପଞ୍ଚାୟତର ମଝିକେରା ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ଘରୁ ରବିବାର ରାତିରେ କେହି ନ ଥିବାର ସୁଯୋଗ ନେଇ ଘରୁ ଚୋରି ହୋଇଥିବା ତାଙ୍କ ପତ୍ନୀ ଗୀତାଞ୍ଜଳି ମହାନ୍ତି ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେହି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଏକ ସୁନାଚେନ୍, ଗୋଟିଏ ସୁନା ମୁଦି ଓ ନଗଦ ୮୦୦୦ ଟଙ୍କା ଚୋରି କରିଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ। ସେହି ଗ୍ରାମର ଚନ୍ଦନ ବରାଳ (୨୩) ତାଙ୍କ ଘର ପାଖରେ ବୁଲାବୁଲି କରୁଥିବା ଖବର ପାଇ ସେ ତାଙ୍କ ଉପରେ ସନ୍ଦେହ କରୁଥିବା ଥାନାରେ ଜଣାଇଥିଲେ। ସତ୍ୟବାଦୀ ପୁଲିସ ଘଟଣାର ତଦନ୍ତ କରି ଚନ୍ଦନଙ୍କୁ ଜେରା କରିଥିଲେ। ଜେରା ସମୟରେ ତାଙ୍କ ପାଖରୁ ଏକ ସୁନା ଚେନ୍, ଏକ ଯୋଡ଼ା ସୁନା ମୁଦି ଓ ନଗଦ ୫୦୦୦ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଚନ୍ଦନ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ସତ୍ୟବାଦୀ ଥାନା ଆରକ୍ଷୀ ନିରୀକ୍ଷକ ସୌମ୍ୟରଞ୍ଜନ ମହାଳିକ ସୂଚନା ଦେଇଛନ୍ତି।

## ନାବାଳକକୁ ନିର୍ଯାତନା ଘଟଣା

# ୪ ଦିନ ବିତିଲା; ଅଭିଯୁକ୍ତର ଟେର୍ ପାଉନି ପୁଲିସ



**ବ୍ରହ୍ମଗିରି,୨୩।୩(ସମିସ):** ଗତ ଶୁକ୍ରବାର ବଜାର ଭିତରରେ ଜଣେ ନାବାଳକକୁ ବିଚ୍ ରାସ୍ତାରେ ତା'ର ହାତକୁ ବାନ୍ଧି ବେକରେ ଚୋର ଲେଖାଥିବା ଏକ ପ୍ଲାକାର୍ଡ ଝୁଲାଇ ଚଲାଇ ଚଲାଇ ନେଉଥିବା ଘଟଣାକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତର ଟେର୍ ପାଉନି ପୁଲିସ। କେବଳ ସେତିକି ନୁହେଁ ସେଥିରେ ଗାଁର ନାଁକୁ ବି ଛାଡ଼ିନାହାନ୍ତି। ଏ ଦୃଶ୍ୟକୁ ଲୋକେ ଦେଖୁଥିଲେ ମଧ୍ୟ ପ୍ରତିବାଦ କରିବା ତ ଦୂରର କଥା ପ୍ରଶ୍ନ କରିବାକୁ ବି ସାହସ ଜୁଟାଇ ପାରୁ ନ ଥିଲେ। ସତେ ଯେମିତି ହଜିଯାଇଛି ମାନବିକତା। ଆଉ ଧଳା ସାର୍ଟ ପିନ୍ଧି ଏଭଳି କାଣ୍ଡ ଭିଆଉଥିବା ବ୍ୟକ୍ତିଜଣକ ହେଉଛନ୍ତି ଶାସକ ଦଳର ଜଣେ ରାଜ୍ୟସ୍ତରୀୟ ନେତାଙ୍କ ସାନଭାଇ। ପୂରା ଆଇନକୁ ପକେଟରେ ଜାକି ଲଗାମଛଡ଼ା ହେବା ଭଳି କାର୍ଯ୍ୟଟିଏ କରୁଛନ୍ତି।

ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବଜାରରେ ବୁଲାଇଲେ। ନିର୍ଯାତିତ ହୋଇଥିବା ମାଆ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଲିଖିତ ଅଭିଯୋଗ କଲେ। ତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଦ୍ୱିପ୍ରହରରେ ବ୍ରହ୍ମଗିରି ଥାନା ସାହୁପଡ଼ା ଗ୍ରାମ ବର୍ତ୍ତମାନ ବ୍ରହ୍ମଗିରି କଲେଜ ରୋଡ୍‌ରେ ରହୁଥିବା ଟୁନା ଓରଫ ମନୋରଞ୍ଜନ ତ୍ରିପାଠୀ ଓ ଆଉ ଜଣେ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଆସି ଘରେ ପଶି ଜବରଦସ୍ତ ତାଙ୍କ ୧୪ ବର୍ଷର ପୁଅକୁ ବିଧା, ଗୋଇଠା ମାରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଘୋଷାଡ଼ି ନେଇଯାଇଥିଲେ। ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ମାର୍‌ପିଟ୍ କଲେ। ତା'ପରେ ନାବାଳକ ପୁଅକୁ ବ୍ରହ୍ମଗିରି ବଜାରରେ ଏକ ପ୍ଲାକାର୍ଡରେ 'ମୁଁ ଚୋର' ବୋଲି ଲେଖି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇ ଚଲାଇ ଚଲାଇ ବ୍ରହ୍ମଗିରି ଥାନାକୁ ନେଲେ। ଶନିବାର ସନ୍ଧ୍ୟା ସୁଦ୍ଧା ଏନେଇ ପୁଲିସ ମାମଲା ରୁଜୁ କରି ନ ଥିଲା। ଅଭିଯୁକ୍ତ ନିଜ ଦୋକାନରେ ପଇଁତରା ମାରୁଥିଲା। ଏହା ସହିତ କଲେଜ ରୋଡ୍‌ରେ ଥିବା ଅଭିଯୁକ୍ତର ଘର ଆଗରେ ପଇଁତରା ଦେଉଥିଲା। ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପୁରୀ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ଅନ୍ୟପଟେ ଜିଲ୍ଲା ଶିଶୁ ସୁରକ୍ଷା ଆୟୋଗ(ସିଡବ୍ଲ୍ୟୁସି) ମଧ୍ୟ ପ୍ରଥମ ଦିନରୁ କଡ଼ା ଆଭିମୁଖ୍ୟ ନେଇଥିଲେ। ତଥାପି ପୁଲିସ କାହା ଚାପରେ ପଡ଼ି ଚାରି ଦିନ ହେଲା ଚୁପ୍ ହୋଇ ବସି ରହିଛି। ଏନେଇ ବହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି, ନାବାଳକର ମାଆଙ୍କ ଅଭିଯୋଗ ଉପରେ ଥାନାରେ ୧୩୫/୨୬ରେ ୭୫ ଜେଜେ ଆକ୍ଟ ଏବଂ ଭାରତୀୟ ନ୍ୟାୟ ସଂହିତାର ଅନ୍ୟ ଦଫାରେ ମାମଲା ରୁଜୁ ହୋଇଛି। ପୁଲିସ ନାବାଳକକୁ ନେଇ ଶିଶୁ ସୁରକ୍ଷା ଅଧିକାରୀ(ସିଡବ୍ଲ୍ୟୁସି)ଙ୍କ ପାଖରେ ହାଜର କରି ପରିବାରଙ୍କ ପାଖରେ ଛାଡ଼ିଛି। ଅଭିଯୁକ୍ତକୁ ଧରିବାକୁ ପୁଲିସର ଦୁଇଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

● କୁଆଡ଼େ ଗଲା ମନୋରଞ୍ଜନ; କାହା ଚାପରେ ପୁଲିସ ଚୁପ୍
● ଅଭିଯୁକ୍ତର ଦୋକାନ ଖୋଲା, ଘର ଖୋଲା

## ବେଆଇନ ଇଟାଭାଟି ଉପରେ ବୁଲିଲା ବୁଲ୍‌ଡୋଜର୍



**ନିମାପଡ଼ା,୨୩।୩(ସମିସ):** ନିମାପଡ଼ା ବ୍ଲକ୍ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତରେ ସୋମବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ବେଆଇନ ଇଟାଭାଟି ଉପରେ ଚଢ଼ଉ କରାଯାଇଛି। ଗତ ଏକ ମାସ ତଳେ ସ୍ଥାନୀୟ ପ୍ରଶାସନ ତରଫରୁ ୩୦ଟି ବେଆଇନ ଇଟାଭାଟି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସୋମବାର ପୁରୀ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ଏବଂ ୧ ପ୍ଲାଟନ୍ ପୁଲିସ ଫୋର୍ସ ସହ ବେଆଇଟି ଇଟାଭାଟି ଉପରେ ଚଢ଼ଉ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଏହି ଇଟା ପୋଡ଼ାଯିବା ଫଳରେ ପରିବେଶ ପ୍ରଦୂଷଣ ସହ ତାପମାତ୍ରା ବୃଦ୍ଧିପାଇ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ପ୍ରଚଣ୍ଡ ଖରାରେ ତାପମାତ୍ରା ବଢ଼ିବା ସହିତ ଚାରିଆଡ଼େ ଇଟାଭାଟି ଧୂଆଁରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହି ଚଢ଼ଉରେ ଅତିରିକ୍ତ ତହସିଲ୍‌ଦାର ନିରଞ୍ଜନ ନାୟକ, କେ. ଭେଙ୍କେଟେଶ୍ୱର ରାଓ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି, ରାଜସ୍ୱ ନିରୀକ୍ଷକ ପାର୍ଥସାରଥି ସେଠୀ ପ୍ରମୁଖ ସାମିଲ୍ ଥିଲେ। ବିଭିନ୍ନ ସ୍ଥାନରେ ଥିବା ସମସ୍ତ ବେଆଇନ ଇଟ୍‌ଭାଟି ଉପରେ ଚଢ଼ଉ କରାଯିବ ବୋଲି ଅତିରିକ୍ତ ତହସିଲ୍‌ଦାର ଶ୍ରୀ ନାୟକ ସୂଚନା ଦେଇଛନ୍ତି।

■ ନବମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

## ପ୍ରବେଶ ଉତ୍ସବ ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା



**କୋଣାର୍କ,୨୩।୩(ସମିସ):** ସୋମବାର କୋଣାର୍କ ନିକଟ କୁନଙ୍ଗ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ସଂଯୋଜନାରେ ନବମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓସେପା ନିର୍ଦ୍ଦେଶିତ ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ୨୦୨୬-୨୭ ଶିକ୍ଷାବର୍ଷ ନିମନ୍ତେ ଆସନ୍ତା ଏପ୍ରିଲ ୨ ତାରିଖରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନାମଲେଖା ଉପଲକ୍ଷେ ପ୍ରତି ପ୍ରାଥମିକ ବିଦ୍ୟାଳୟରେ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଏଥିସହ ବିଗତ ୮ଟି ମାସିକ ବୈଠକର ବିଷୟବସ୍ତୁ, ଶିକ୍ଷଣ ସୋପାନ ରେଜିଷ୍ଟର, ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ ଫଳାଫଳର ବିଶ୍ଳେଷଣ ସହିତ ପରବର୍ତ୍ତୀ ପଦକ୍ଷେପ, ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ୧୨ଟି ବିଦ୍ୟାଳୟର ଏଫ୍‌ଏଲ୍‌ଏନ୍ ଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋପ ବିଆର୍‌ସିସି ଦେବେନ୍ଦ୍ର କୁମାର କାଣ୍ଡି ଓ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ବୈଠକ ପରିଦର୍ଶନ କରି ମନିଟରିଂ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ବାନାମ୍ବର ବେହେରା, କାଳନ୍ଦୀ ଚରଣ ଜେନା ଓ ନିରଞ୍ଜନ ଦାସ ଶୈକ୍ଷିକ ପ୍ରସଙ୍ଗଗୁଡ଼ିକର ଆଲୋଚନାରେ ସହଯୋଗ କରିଥିଲେ। କୁନଙ୍ଗ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରେଖା ଦେଇ, ବାହାରଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ପୃଷ୍ଟି, ଶିକ୍ଷୟିତ୍ରୀ ଶୁଭସ୍ମିତା ନାୟକ, କାଳନ୍ଦୀ ଚରଣ ଜେନା, ଜିତେନ୍ଦ୍ର କାଣ୍ଡି, ଗଙ୍ଗାଧର ରାଉତ ଓ ନିରଞ୍ଜନ ସାସମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପାଟଣାସାହି ପ୍ରାଥମିକ ବିଦ୍ୟାଳୟରେ ନବମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଶ୍ୱନାଥପୁର କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ସିଆର୍‌ସିସି ଅଜୟ କୁମାର ପ୍ରଧାନ ବୈଠକର ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଳ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ସତ୍ୟବାଦୀ ଶିକ୍ଷା ମଣ୍ଡଳର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ, ପାଟଣାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ସିଂ, ସହକାରୀ ଶିକ୍ଷୟିତ୍ରୀ ରୂପାଲି ଅପରାଜିତା, ପ୍ରାକ୍ତନ ପ୍ରଧାନଶିକ୍ଷକ ଗଦାଧର ବେହେରା, ବରିଷ୍ଠ ଶିକ୍ଷକ ରବି ନାରାୟଣ ମହାନ୍ତି ଅଂଶଗ୍ରହଣ କରିଥିଲେ।

## ମରଦ ପ୍ରିମିୟମ ଲିଗ୍: ବେଦପୁର ଚାମ୍ପିଅନ

**ଗୋପ,୨୩।୩(ସମିସ):** ଗୋପ ବ୍ଲକ୍ ଅଧୀନ ବୀରତୁଙ୍ଗ ପଞ୍ଚାୟତସ୍ଥିତ ମରଦ ଗ୍ରାମରେ ମରଦ ପ୍ରିମିୟମ ଲିଗ୍‌ର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୋରିଷିଆପଦା ଟିମ୍‌କୁ ପରାସ୍ତ କରି ବେଦପୁର ଚାମ୍ପିଅନ ହୋଇଛି। ଏହି ମ୍ୟାଚ୍‌ରେ ବେଦପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୩ ଓଭରରେ ରିଙ୍କୁ ପୃଷ୍ଟିଙ୍କ ଦମ୍‌ଦାର ୭୪ ରନ୍ ବଳରେ ୧୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ସୋରିଷିଆପଦା ଟିମ୍ ୧୮୦ ରନ୍ କରି ପରାସ୍ତ ହୋଇଥିଲା। ଆକାଶ ବେହେରା (ମାଲିଙ୍ଗା) ଉଚ୍ଚକୋଟିର ବୋଲିଂ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ରିଙ୍କୁ ପୃଷ୍ଟି ହାତେଇଥିବା ବେଳେ ଗୁଡୁ ସାହୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର; ୧୧୮ ଅଭିଯୋଗ ପଞ୍ଜିକୃତ

# ନଦୀକୁ ପ୍ରଦୂଷଣମୁକ୍ତ, ପାନୀୟ ଜଳ ଯୋଗାଣ ଦାବି

ଡେଲାଙ୍ଗ,୨୩।୩(ସମିସ)



ଡେଲାଙ୍ଗ ବ୍ଲକର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ଏପିଡି ରାଜୀବ ଲୋଚନ ବେହେରା, ଆଡିସ୍‌ନାଲ ଏସ୍‌ପି ସଚ୍ଚିନ ପଟେଲ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ତହସିଲ୍‌ଦାର ଦେବୀପ୍ରସାଦ ଆଚାର୍ଯ୍ୟ, ବିଡିଓ ସମୀର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ, ଭାରପ୍ରାପ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ ପ୍ରମୁଖଙ୍କ ସମେତ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଖଣି, ଜଙ୍ଗଲ, ପାନୀୟ ଜଳ ଓ ପରିମଳ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ସମସ୍ୟା ସମ୍ପର୍କିତ ୧୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୯୫ଟି ବ୍ୟକ୍ତିଗତ, ୨୨ଟି ସାମୂହିକ ଓ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଗୋଟିଏ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ଦୟା ନଦୀକୁ ପ୍ରଦୂଷଣମୁକ୍ତ କରିବା, ନଦୀ ଖନନ କାର୍ଯ୍ୟର ସଠିକ୍ ତଦାରଖ କରି ଖନନରେ ସ୍ୱଚ୍ଛତା ଆଣିବା ଓ ଡେଲାଙ୍ଗ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ସମସ୍ୟାର ସମାଧାନ କରିବା ପାଇଁ ସିପିଆଇଏମ୍‌ଏଲ୍ ନେତା ଅଶୋକ ପ୍ରଧାନ, ରାମଚନ୍ଦ୍ର ମହାରଣା, ସତ୍ୟମନ୍ୟୁ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତର ୮ନଂ ୱାର୍ଡରେ ଦୀର୍ଘଦିନ ହେଲା ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ରେଳ ବିଭାଗର ଘରୋଇ ଠିକାସଂସ୍ଥାରେ ଡେଲାଙ୍ଗ ଓ ପିପିଲି ବ୍ଲକ୍‌ର ଶତାଧିକ ଯୁବକ ଟ୍ରେନ୍ ସଫେଇ ଓ ପାଣି ଭରିବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ସଂସ୍ଥା ସେମାନଙ୍କୁ ଦରମା ନ ଦେବାରୁ ସେମାନଙ୍କ ପରିବାର ଚଳିବାରେ ସମସ୍ୟା ଉପୁଜୁଛି। ଏନେଇ ନିୟୋଜିତ ଯୁବକମାନେ ରେଳ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଜଟଣୀ ରଥୀପୁର ଅଞ୍ଚଳର ଜନୈକ ଠିକାଦାର ସେମାନଙ୍କୁ ଦରମା ନ ଦେଇ ଚାକିରିରୁ କାଢ଼ିଦେବାକୁ ଧମକ ଦେଉଥିବା ନେଇ ଅଭିଯୋଗ ହୋଇଛି। ଗଡ଼ମୋଟରୀ ପଞ୍ଚାୟତରେ ଥିବା ରେଙ୍ଗଳ-ପଟଣପୁର ଡ୍ରେନ୍‌ର ପୁନରୁଦ୍ଧାର ଓ ଆନିକଟ ନିର୍ମାଣ ନିମନ୍ତେ ବାଟୋଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁଆଳିପଡ଼ା ପଞ୍ଚାୟତର ଆଲୋକ ସେବା ସମବାୟ ସମିତିରେ ଧାନ ବିକ୍ରିକରି ୧୫ ଦିନ ହେବ ଖାତାକୁ ଟଙ୍କା ନ ଆସିବା ଓ ସମ୍ପାଦକଙ୍କୁ ପଚାରିବାରେ ସେ ଚାଷୀଙ୍କୁ ଗାଳିମନ୍ଦ କରି ଧମକ ଦେବା ନେଇ ଚାଷୀ ସୁକାନ୍ତ ଛାଟୋଇ ଅଭିଯୋଗ କରିଛନ୍ତି। ସେହିପରି ରାସ୍ତା, ଗ୍ରାମ୍ୟ ପୋଖରୀର ପୁନରୁଦ୍ଧାର, ଅଙ୍ଗନବାଡ଼ି କେନ୍ଦ୍ରର ସ୍ଥାୟୀ ପ୍ରାଚୀର ଓ ବିଦ୍ୟୁତ୍‌କରଣ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତ୍ରୁଟି ବିଚ୍ୟୁତ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ସମସ୍ତ ଅଭିଯୋଗ ପାଇବା ପରେ ତତ୍‌କ୍ଷଣାତ୍ ୧୨ଟିର ସମାଧାନ ହୋଇଥିବାବେଳେ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଗୋଛାବାରୀ ଗ୍ରାମରେ ଲୁଟେରାଙ୍କ ଦୌରାତ୍ମ୍ୟ

# ୫ ଦିନ ପରେ ବି ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ

ଖଣ୍ଡପଡ଼ା,୨୩।୩(ସମିସ)

ଖଣ୍ଡପଡ଼ା ଥାନା କିଆଝର ପଞ୍ଚାୟତ ଗୋଛାବାରୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ଘରୁ ଗତ ୧୮ ତାରିଖ ରାତିରେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଲୁଟପାଟ କରିବାକୁ ଉଦ୍ୟମ କରିଥିଲେ। ଦୁର୍ବୃତ୍ତମାନେ ଲୁଟପାଟ କରିବାରେ ବିଫଳ ହେବା ପରେ ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ତାଙ୍କ ପୁଅ ଓ ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ସନ୍ଧାନୀ କୁକୁର ସହାୟତାରେ ପୁଲିସ ଘଟଣାର ଖୋଳତାଡ କରିଥିଲେ ହେଁ ୫ ଦିନ ପରେ ବି ଦୁର୍ବୃତ୍ତଙ୍କ ଟେର ପାଇପାରି ନାହିଁ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

୫ରୁ ୬ ଜଣ ଦୁର୍ବୃତ୍ତ ଅତି ଅମାନୁଷିକ ଭାବେ ଏଭଳି କାଣ୍ଡ ଘଟାଇ ବିଳମ୍ବିତ ରାତିର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିବା ବେଳେ ଏହି ଘଟଣା ଗଡ଼ିଆସାହି ଫାଣ୍ଡି ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କିଛି ମାସର ବ୍ୟବଧାନ ପରେ ସ୍ଥାନୀୟ ଅଞ୍ଚଳରେ ଦୁର୍ବୃତ୍ତ ଓ ଲୁଟେରାମାନେ ବେଶ୍ ସକ୍ରିୟ ହୋଇ ଉଠିଥିବାରୁ ଧନଜୀବନ ସୁରକ୍ଷା ନେଇ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ପୁଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି। ଗଡ଼ିଆସାହି ଫାଣ୍ଡିଠାରୁ ମାତ୍ର ୮୦୦ ମିଟରଦୂରରେଅବସ୍ଥିତପୂର୍ଣ୍ଣଚନ୍ଦ୍ରଙ୍କଘରେଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ପଶିବାକୁ ସାହସ ଜୁଟାଇଥିବା ଗ୍ରାମବାସୀ କହିଛନ୍ତି। ଦୁର୍ବୃତ୍ତମାନଙ୍କୁ ଧରିବା ନିମନ୍ତେ ପୁଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ଏସଡିପିଓ ଓ ନୟାଗଡ଼ ଏସ୍‌ପି ଏହି ସମ୍ବେଦନଶୀଳ ଘଟଣା ପ୍ରତି ଦୃଷ୍ଟି ଦେବାକୁ ଗୋଛାବାରୀ, କିଆଝର, ଗିରିଡ଼ିପଲ୍ଲୀ, ମଙ୍ଗରାଜପୁର, ସେରଜଙ୍ଗ, ଭୋଡ଼ଙ୍ଗପଲ୍ଲୀ, କୋଦୁଅଁପଲ୍ଲୀ ପ୍ରଭୃତି ଗ୍ରାମର ଜନସାଧାରଣ ଦାବି କରିଛନ୍ତି।

## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରସ୍ତୁତି ସମ୍ପର୍କିତ ତାଲିମ୍



ଓଡ଼ଗାଁ,୨୩।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଅପରାହ୍ନରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରସ୍ତୁତି ସମ୍ପର୍କିତ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ସହକାରୀ କୃଷି ନିର୍ଦ୍ଦେଶକ (ମୃତ୍ତିକା ରସାୟନବିତ୍) ନଭେଶ ପଟ୍ଟନାୟକ, କୃଷି ଜିଲ୍ଲା ଅଧିକାରୀ ପବିତ୍ର ମୋହନ ସାହୁ ଓ ଓଡ଼ଗାଁ ବ୍ଲକ କୃଷି ଅଧିକାରୀ ପ୍ରତିଭା ପ୍ରଧାନ ଯୋଗଦେଇଥିଲେ। ତାଲିମ୍ ସମୟରେ ମୃତ୍ତିକା ନମୁନା ସଂଗ୍ରହ ପ୍ରକ୍ରିୟା ସମ୍ପର୍କରେ ଅତିଥିମାନେ ବିସ୍ତୃତ ଅଲୋଚନା କରିଥିଲେ। ଜମିର ଖାଲ, ଢିପ କିମ୍ବା ଗଛଛାୟା ତଳୁ ମାଟି ନେବା ଉଚିତ୍ ନୁହେଁ ବୋଲି ସୁପାରିସ କରାଯାଇଛି। ଜେଡ୍ ସେପରେ ଜମିର ୧୦ଟି ସ୍ଥାନରୁ ଉପର ଘାସ ହଟାଇ ୪-୫ ଇଞ୍ଚ ତଳୁ ମାଟି ସଂଗ୍ରହ କରି ଏକତ୍ର କରିବାକୁ କୁହାଯାଇଛି। ସେହି ମାଟିକୁ ଚାରି ଭାଗରେ ବିଭକ୍ତ କରି ଦୁଇ ଭାଗ ବାହାର କରି ଆନୁମାନିକ ୫୦୦ ଗ୍ରାମ ମାଟି ପଲିଥିନ୍ ବ୍ୟାଗରେ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ପ୍ରକ୍ରିୟା ବିଷୟରେ ଜଣାଇଥିଲେ। ଲ୍ୟାବରେ ମାଟିର ୧୨ ପ୍ରକାର ଦ୍ରବ୍ୟଗୁଣ ପରୀକ୍ଷା ପରେ ମୃତ୍ତିକାର ସଠିକ୍ ପରିଚୟ ଓ ପୋଷକତାଅବସ୍ଥାବିଷୟରେରିପୋର୍ଟମିଳିବ ବୋଲି ଅତିଥିମାନେ କହିଥିଲେ। ଏହା ସହ ପରବର୍ତ୍ତୀ ସମୟରେ ପୁଣିଥରେ ପ୍ରାୟୋଗିକ ତାଲିମ୍ ପାଇଁ ମାଟି ପରୀକ୍ଷା ଯନ୍ତ୍ର ଆଣି ଶିକ୍ଷା ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ଭଗତ ସିଂଙ୍କ ସହିଦ ଦିବସରେ ଆଲୋଚନା ସଭା

ରଣପୁର,୨୩।୩(ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଭାରତବର୍ଷର ଅମ୍ଳାନ ଯୁବ ବିପ୍ଳବୀ ସହିଦ ଭଗତ ସିଂହ, ଶୁକଦେବ ଓ ରାଜଗୁରୁଙ୍କ ୯୫ତମ ସହିଦ ଦିବସ ଅବସରରେ ରଣପୁର ସହିଦ ରଘୁଦିବାକାର ଭବନରେ ସିପିଆଇ(ଏମ) ତରଫରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ସହିଦଙ୍କ ଫଟୋଚିତ୍ରରେ ସାଥୀମାନେ ପୁଷ୍ପାର୍ପଣ କରିଥିଲେ। ସାଥୀ ସୁଶୀଲ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ପାର୍ଟିର ଜିଲ୍ଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡ଼ା ଓ ଦୁଃଶାସନ ଜେନା ପ୍ରମୁଖ ଆଲୋଚନା କରି ସହିଦ ଭଗତ ସିଂଙ୍କ ବିପ୍ଳବୀ ବିଚାର, ସାଲିସବିହୀନ ସଂଗ୍ରାମ ଓ ଦେଶପ୍ରୀତି ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଜାବ ଲୋୟାଲ ଜିଲ୍ଲାର ବଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଭଗତ ସିଂହ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସର୍ବ ପ୍ରଥମେ "ନୌଯବାନ ଭାରତ ସଭା' ଜରିଆରେ ଯୁବକମାନଙ୍କୁ ଏକତ୍ରିତ କରି ବାମପନ୍ଥୀ ବିଚାରକୁ ଅଙ୍ଗୀକାର କରି ସାଲିସବିହୀନ ସଂଗ୍ରାମ କରିଥିଲେ। ଯେଉଁଥିରେ ବ୍ରିଟିଶ ସାମ୍ରାଜ୍ୟବାଦର ହୃଦ୍‌କମ୍ପନ ହୋଇଥିଲା। ସହିଦ ଭଗତ ସିଂଙ୍କ ଇନକୀଲାବ ଜିନ୍ଦାବାଦ ନାରା ଆଜି ସର୍ବବିଦିତ। ମାତ୍ର ୨୩ ବର୍ଷ ୬ ମାସ ଜୀବନ ମଧ୍ୟରେ ସେ ଦେଶର ମୁକ୍ତି ସଂଗ୍ରାମକୁ ଦେଇଥିବା ଦର୍ଶନରେ ପ୍ରଭାବିତ ହୋଇ ଦେଶର ହଜାର ହଜାର ଯୁବଶକ୍ତି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ବ୍ରିଟିଶ ସାମ୍ରାଜ୍ୟ ନିକଟରେ ସାଲିସ ନ କରି ଦେଶ ମାତୃକାର ମୁକ୍ତି ପାଇଁ ଭଗତ ସିଂ ସମେତ ଦୁଇ ବନ୍ଧୁ ଶୁକଦେବ ଓ ରାଜଗୁରୁ ଫାଶୀ ଖୁଣ୍ଟରେ ବଳିଦାନ ଦେଇ ନିଜର ତଥା ନିଜ ଦେଶର ବୀରତ୍ୱ ପ୍ରଦର୍ଶନ କରଥିଲେ। ଆଜିର ଦିନରେ ଆମ ଦେଶ ଆର୍ଥିକ, ରାଜନୈତିକ ଓ ସାମାଜିକ ଭାବେ ସାମ୍ରାଜ୍ୟ ଶକ୍ତି ଓ ସାମ୍ପ୍ରଦାୟିକ ଶକ୍ତି ଦ୍ୱାରା କବଳିତ ହୋଇଥିଲା ବେଳେ କଷ୍ଟ ଲବ୍ଧ ସ୍ୱାଧୀନତା ମଧ୍ୟ ବିପନ୍ନ ହେଉଛି। ଏହି ପରିସ୍ଥିତିରେ ସହିଦଙ୍କ ଦେଶପ୍ରୀତି ଓ ସାଲିସବିହୀନ ସଂଗ୍ରାମକୁ ଅଙ୍ଗୀକାର କରି ମାଆ ମାଟି ପାଇଁ କାର୍ଯ୍ୟ କରିପାରିଲେ ହିଁ ସହିଦଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ।



## କାନପୁର-ଗୋଡ଼ିପୋଖରୀ ଆଦିବାସୀ ସାହିକୁ ପକ୍କା ରାସ୍ତା ନିର୍ମାଣ ଦାବି



ବେଗୁନିଆ,୨୩।୩(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କାନପୁର ଗ୍ରାମଠାରୁ ପଙ୍ଗାରସିଂହ ପଞ୍ଚାୟତ ଗୋଡିପୋଖରୀ ଆଦିବାସୀ ସାହି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପକ୍କା ରାସ୍ତା ନିର୍ମାଣ ପାଇଁ ଜନସାଧାରଣ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ଧରି ଖାଲଖମା ହୋଇ ମେଟାଲ ଉଠି ଅତି ଦୟନୀୟ ପରିସ୍ଥିତି ହୋଇ ଅବହେଳିତ ପଡ଼ିଥିବା ବେଳେ କେତେବେଳେ କେମିତି ପଞ୍ଚାୟତ ପାଣ୍ଠି ହେଉ କି ବ୍ଲକ ପ୍ରଶାସନ ପକ୍ଷରୁ ମୋରମ ବିଛାଇ ଦେଇ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ବେଶ ଦୁଇ ପଇସା ପାଇ ମାଲେମାଲ ହୋଇଥାନ୍ତି। ତେବେ ରାସ୍ତାଟିର ଦୂରତା ଦୃଷ୍ଟିରୁ ଦେଖିବାକୁ ଗଲେ ତିନି କିମିରୁ ଅଧିକ ହେଉଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇ ସଂଲଗ୍ନ କରାଗଲେ ଦୁଇ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇ ପାରିବେ। ଯାହା ଫଳରେ ଦୁଇ ଗ୍ରାମକୁ ଗମନା ଗମନ ପାଇଁ ଦୂରତ୍ୱ କମ୍ ହୋଇ ପାରିବ ବୋଲି ସଚେତନ ନାଗରିକ ମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ତୁରନ୍ତ ଲୋକଙ୍କ ସରକାର ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଅନୁଦାନ ରାଶି ମଞ୍ଜୁର କରିବା ସହ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ସରପଞ୍ଚ ଲାବଣ୍ୟ ଜୟସିଂହ, ପୂର୍ବତନ ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ବେହେରା, ସୁକାନ୍ତ କୁମାର ଜୟସିଂହ, ସଦାଶିବ ବରିଶଲ୍, ପ୍ରଶାନ୍ତ କୁମାର ବେହେରା, ସମିତି ସଭ୍ୟ ଶିଶିର କୁମାର ଆଚାର୍ଯ୍ୟ, ସୁବାସ ମହାନ୍ତି, ସମାଜସେବୀ ସଦାଶିବ ମହାପାତ୍ର, ବିଦ୍ୟାଧର ମହାରଣା, ମାଗୁଣୀ ସାମନ୍ତରାୟ, ସୌମ୍ୟ ରଞ୍ଜନ ଶୁକ୍ଳ ପ୍ରମୁଖ ଦାବି କରିଛନ୍ତି।

## ସାଇବର ଅପରାଧ ସମ୍ପର୍କିତ ସଚେତନତା

ଖଣ୍ଡପଡ଼ା,୨୩।୩(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଓ ଓ ସାଇବର ଅପରାଧ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କନକଲତା ପୂଜାରୀ, ଏସଆଇ ମନସ୍ମିତା ସାହୁ, ଖଣ୍ଡପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଟ୍ଟ, ପର୍ଯ୍ୟବେକ୍ଷକ କ୍ରୀଷ୍ଣା କୁମାରୀ ମିଶ୍ର ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସାଇବର ଅପରାଧରୁ କିଭଳି ଦୂରେଇ ରହିବା ସେ ନେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଯୁବତୀମାନଙ୍କୁ ସଚେତନ କରାଯାଇଥିଲା। ଆଜିର ଡିଜିଟାଲ ଯୁଗରେ ଶହଶହ ବ୍ୟକ୍ତି ବିଭିନ୍ନ ସମୟରେ ସାଇବର ଠକେଇର ଶିକାର ହେଉଥିବାରୁ ଏ ନେଇ ପ୍ରଶାସନିକ ଅଧିକାରୀମାନେ ଉଦବେଗ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଇଣ୍ଟରନେଟ ସୁରକ୍ଷା ଅଭ୍ୟାସ, ସାମାଜିକ ଗଣମାଧ୍ୟମ ବ୍ୟବହାର କ୍ଷେତ୍ରରେ ସତର୍କତା, ଗେମ ଆପ୍ଲିକେସନରେ ସତର୍କତା, ଆର୍ଥିକ କାରବାର ଜନିତ ସୁରକ୍ଷା, ପାସୱାର୍ଡ ଓ ଓଟିପି ଅନ୍ୟକୁ ନ ଦେବା, ଅନଲାଇନ ସାମଗ୍ରୀ କ୍ରୟ ସମୟରେ ସମ୍ପୃକ୍ତ ସଂସ୍ଥା ବିଷୟରେ ସଠିକ ତଥ୍ୟ ସଂଗ୍ରହ କରିବା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସତର୍କତା ଅବଲମ୍ବନ କରିବାକୁ କୁହାଇଥିଲା। ସଚେତନତା ହିଁ ସାଇବର ଅପରାଧକୁ ରୋକିପାରିବ ବୋଲି ଅଧିକାରୀମାନେ ମତ ଦେଇଥିଲେ। ଯେକୌଣସି ବ୍ୟକ୍ତି ସାଇବର ଠକେଇ କିମ୍ବା ଅପରାଧର ଶିକାର ହେଲେ ତୁରନ୍ତ ସାଇବର ଥାନା ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।




## ସରସ୍ୱତୀ ଶିଶୁ ମନ୍ଦିର ରୌପ୍ୟ ଜୟନ୍ତୀ ଉଦଯାପିତ

ଭାପୁର,୨୩।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଅଗ୍ରଣୀ ଘରୋଇ ଶିକ୍ଷାଅନୁଷ୍ଠାନ ଭାବେ ଭାପୁର ସରସ୍ୱତୀ ଶିଶୁ ମନ୍ଦିର ସୁନାମ ଅର୍ଜନ କରିଛି। ଗୁଣାତ୍ମକ ଶିକ୍ଷା ସହ ସସ୍କୃତି ଓ ସଂସ୍କାର ପ୍ରଦାନ ପ୍ରଦାନ ପାଇଁ ଚର୍ଚ୍ଚିତ ହୋଇଛି। ଅନୁଷ୍ଠାନର ପ୍ରଧାନ ଗୁରୁଜୀ କାମରାଜ ବରାଡ଼ଙ୍କ ପରିଚାଳନାରେ ଆୟୋଜିତ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବର ଉଦଯାପନୀ ଉତ୍ସବର ଦ୍ୱିତୀୟ ଦିବସରେ ଶିକ୍ଷାବିତ ତଥା ବରିଷ୍ଠ ସାମ୍ବାଦିକ ସୁବାସ ମହାପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଗୋପୀନାଥ ସେଠୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଶ୍ରୀଧର ସାହୁ, ରେଞ୍ଜର ଦିଲୀପ କୁମାର ପଟ୍ଟନାୟକ, ଅନୁଷ୍ଠାନର ପ୍ରତିଷ୍ଠାତା ଚରଣ ସାହୁ, ସମ୍ପାଦକ ପଦ୍ମଚରଣ ଭୋଳ, ପ୍ରଧାନଆଚାର୍ଯ୍ୟ କାମରାଜ ବରାଡ଼, ବିଜ୍ଞାନ ନିରୀକ୍ଷକ ଶରତ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷା ସହ ସଂସ୍କାର ପ୍ରଦାନ କରାଗଲେ ଛାତ୍ରଛାତ୍ରୀ ସୁନାଗରିକ ହୋଇପାରିବ ବୋଲି ସମ୍ମାନିତ ଅତିଥି ବେଣୁଧର ପ୍ରଧାନ କହିଥିଲେ। କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ, ଆଧୁନିକ ଓ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା।



## ଶିକ୍ଷୟିତ୍ରୀ ଅଞ୍ଜଳି ସାହୁଙ୍କ ପରଲୋକ



ଓଡ଼ଗାଁ,୨୩।୩(ସମିସ): ଓଡ଼ଗାଁ ବ୍ଲକର କୁରାଳ ବେହେରାସାହି ବାସିନ୍ଦା ତଥା ହନୁମନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଅଞ୍ଜଳି ସାହୁ (୪୪)ଙ୍କର ସୋମବାର ପରଲୋକ ଘଟିଛି। ସେ କୁରାଳର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରଚନ୍ଦ୍ର ସାହୁଙ୍କ ପୁତ୍ରବଧୂ ଓ ଡା. ଗୋପୀନାଥ ସାହୁଙ୍କ ଧର୍ମପତ୍ନୀ ଅଟନ୍ତି। ରବିବାର ସକାଳେ ଗାଁର ବେଡ଼ାପୋଖରୀ ନିକଟ ନିଜ ଫାର୍ମହାଉସକୁ ଯାଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କୁରାଳ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଓଡ଼ଗାଁ ଓ ନୟାଗଡ଼ ଜିଲ୍ଲା ଡାକ୍ତରଖାନା ନେଇଥିଲେ। ପରେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ଓ ଶେଷରେ ଆଦିତ୍ୟ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅପରାହ୍ନ ୩ଟାରେ ତାଙ୍କ ଦେହାନ୍ତ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ନୟାଗଡ଼ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତରଞ୍ଜନ ମିଶ୍ର ଗଭୀର ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଶ୍ରୀରାମ ଚରିତ ମାନସ ପାରାୟଣ

ଟାଙ୍ଗୀ,୨୩।୩(ସମିସ): ବିଶ୍ୱ କଲ୍ୟାଣ ଉଦେଶ୍ୟରେ ଟାଙ୍ଗୀ ବ୍ଲକ ସୁନ୍ଦରପୁରଠାରେ ବିଜେ ଶ୍ରୀ ଶ୍ରୀ ବାବା ମୁକ୍ତେଶ୍ୱରଦେବଙ୍କ ପୀଠରେ ଆସନ୍ତା ୨୫ରୁ ୨୮ ତାରିଖ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ସୁନ୍ଦରପୁର ଗ୍ରାମବାସୀ ବୃନ୍ଦ ଓଁ ଶ୍ରୀ ରାମ କୃପା ପରିଷଦ ସଭ୍ୟବୃନ୍ଦଙ୍କ ସହାୟତାରେ ଶ୍ରୀମଦ୍‌ରାମଚରିତମାନସପାରାୟଣ, ପ୍ରବଚନ, ଶ୍ରୀରାମନବମୀ ଉତ୍ସବ ଅନୁଷ୍ଠିତ ହେବ। ବିଧି ପୂର୍ବକ ଜଳଯାତ୍ରା, ଶୁଭାରମ୍ଭ ସଭା, ଶୁଭାଧିବାସ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ଭଜନ ସନ୍ଧ୍ୟା, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ୟାସ ଭାବେ ଶ୍ରୀ ଶ୍ରୀ ଚିନ୍ମୟାନନ୍ଦ ଦାଶଜୀ ମହାରାଜ, ଧାରକ ଭାବେ ପଣ୍ଡିତ ଦୀପକ କୁମାର ଦାଶ, ଭରତ ଚରଣ ଦାଶ, ପ୍ରବକ୍ତା ଭାବେ ପଣ୍ଡିତ ମହାମଣ୍ଡଳେଶ୍ୱର ଶ୍ରୀ ମହନ୍ତ ଗୋବିନ୍ଦ ଦାସଜୀ ମହାରାଜ, ନାରାୟଣ ମହାପାତ୍ର, ବିରଞ୍ଚି ନାରାୟଣ ପରିଡା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ୩୦ରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଖଣ୍ଡପଡ଼ା,୨୩।୩(ସମିସ): ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହରେ ଆସନ୍ତା ୩୦ ତାରିଖ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବେ ବୋଲି କୁହାଯାଇଛି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଗଣିଆ,୨୩।୩(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଏସଡିପିଓ ମଦନ ମୋହନ ପ୍ରଧାନ, ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ବିଡିଓ ଲବଣ୍ୟେନ୍ଦୁ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରାଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍, ବନ ବିଭାଗ, କୃଷି, ଉଦ୍ୟାନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଡଙ୍କାରିସାହି ଛକରୁ କୁମ୍ଭୀରଖଣି ଦେଇ ରାଇଗାଡ଼ିଆ ପର୍ଯ୍ୟନ୍ତ ୬ଟି ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ମଧ୍ୟ ଏହି ଗ୍ରାମଗୁଡ଼ିକୁ ଲକ୍ଷ୍ମୀ ବସ ଯାତାୟାତ କରୁ ନ ଥିବା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା ଅଭିଯୋଗ କରିଥିଲେ। ଗଣିଆରୁ କୁତୁରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି କରିବା ସହ ଗତବର୍ଷ ଜାନୁଆରୀ ଏବଂ ଜୁନ୍ ମାସରେ ଛାମୁଣ୍ଡିଆ ଗ୍ରାମବାସୀଙ୍କ ତରଫରୁ ଧାରଣା ଓ ରାସ୍ତାରୋକ କରାଯାଇଥିବା ବେଳେ ଉପଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ରାସ୍ତା ନିର୍ମାଣ ନ ହେବାରୁ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଜୟଦେବ ସାହୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାଡ଼ମୂଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢୁଥିବା ବେଳେ ଏହାକୁ ହାଇସ୍କୁଲରେ ପରିଣତ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏଥିପାଇଁ ପ୍ରସ୍ତାବ ଦିଆଯାଇଥିବା ବିଇଓ ଲିପ୍ସା ନନ୍ଦ ପ୍ରକାଶ କରିଥିଲେ। ଏତଦବ୍ୟତୀତ ଭତ୍ତା, ରାସନ୍ କାର୍ଡ, ବିଦ୍ୟୁତ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେବାକୁ ଅଭିଯୋଗକାରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ରାଉତପଡ଼ା କୈବର୍ତ୍ତ ସାହିରେ ପାନୀୟ ଜଳ ସଙ୍କଟ ଦେଖାଦେଇଥିବାରୁ ଗ୍ରାମର ପୁରୁଷ ଏବଂ ମହିଳା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ରାଜିଙ୍ଗି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଗଣିଆ ବ୍ଲକରେ କାର୍ଯ୍ୟରତ ବ୍ଲକ ଫାଇନାନ୍ସ ଅଫିସରଙ୍କ ମନମୁଖି କାର୍ଯ୍ୟ ସମ୍ପର୍କରେ ଉପାଧ୍ୟକ୍ଷ ସାହୁ ଅଭିଯୋଗ କରିବା ସହ ଜଣେ ପିଇଓଙ୍କୁ କିଭଳି ବଡ଼ବାବୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ୬୮ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ୫୫ଟି, ସାମୂହିକ ୧୧ଟି ଏବଂ ଅନ୍ୟାନ୍ୟ ୨ଟି ଅଭିଯୋଗ ରହିଥିଲା।

## ଗ୍ରୀଷ୍ମକାଳୀନ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ମା' ବରୁଣେଇ କ୍ରିକେଟ ଦଳ ଚାମ୍ପିଅନ



କଣ୍ଟିଲୋ,୨୩।୩(ସମିସ): ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲରେ ଘରୋଇ ବରୁଣେଇ (ବି) ଓ ଗୋଲାସାହି (ବୋଦସା) ଦଳ ପରସ୍ପରକୁ ଭେଟିଥିଲେ। ବରୁଣେଇ ଦଳ ୮୨ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଟସ ଜିତି ବରୁଣେଇ ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୧୩୩ରନ ସଂଗ୍ରହ କରିଥିଲା। ଜବାବରେ ଗୋଲାସାହି ବୋଦସା ଦଳ ୯ ଉଇକେଟରେ ମାତ୍ର ୫୧ ରନ କରିପାରିଥିଲା। ବରୁଣେଇ ଦଳର ଶୁଭମ ବାରିକ ୧୫ବଲରୁ ୨୮ରନ ଓ ୨ଓଭର ବୋଲିଂ କରି ବିପକ୍ଷ ଦଳର ୨ ଉଇକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ଫାଇନାଲ ଏବଂ କୁନା ମଲ୍ଲିକଙ୍କୁ ମ୍ୟାନ ଅଫ ଦି ସିରିଜ ବିବେଚିତ କରାଯାଇଥିଲା। ଅମ୍ପାୟର ଅନିଲ ନାୟକ ଓ ଅନିରୁଦ୍ଧ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଶୁଭ୍ରାଂଶୁ ମହାରଣା ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସନ୍ତୋଷ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ରୂପେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଜେପି ମଣ୍ଡଳ ସଭାପତି ଟିଟନ ସାହୁ, କେନ୍ଦୁପଲ୍ଲୀ ସମିତି ସଭ୍ୟ ଦୀପକ ଜେନା, ସାମାଜିକ କର୍ମୀ ଯୁଗଳ କିଶୋର ନାୟକ, ପ୍ରଭାତ ବେହେରା, ସରୋଜ ସାହୁ ପ୍ରମୁଖ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

